# ଜିଡିପି ଭେଲିକି- ମୁକ୍ତି କେବେ ?

## ସଂକଟରେ ଜିଡିପି

ଆଧ୍ୟାତ୍ମିକ ଜଗତରେ 'ଆତ୍ମା' ବା 'ବ୍ରହ୍ମ' ବା 'ନିୟତି' ଭଳି ଶବ୍ଦର ଯେଭଳି ବ୍ୟାପକ ଅଥଚ ଅଲୌକିକ ଗୁରୁତ୍ୱ ରହିଛି, ସେମିତି ଭାରତ ସମେତ ପୃଥିବୀର ଉନ୍ନତ, ଅନୁନ୍ନତ ଓ ଉନ୍ନତିଶୀଳ ନିର୍ବିଶେଷରେ ସମସ୍ତ ଦେଶର ରାଷ୍ଟ୍ରୀୟ ଅର୍ଥଶାସ୍ତ୍ରରେ 'ଜିଡିପି' (ଗ୍ରସ୍ ଡୋମେଷ୍ଟିକ୍ ପ୍ରଡକ୍ଟ) ବା 'ସମଗ୍ର ଆଭ୍ୟନ୍ତରୀଣ ଉତ୍ପାଦ' ଶବ୍ଦପୁଞ୍ଜ ଏକ ଅନିର୍ବାଯ୍ୟ ସ୍ଥାନ ଦଖଲ କରିସାରିଛି । କିନ୍ତୁ ଏକଥା ମଧ୍ୟ ସତ୍ୟ, ୧୯୩୪ରେ ଯୁକ୍ତରାଷ୍ଟ୍ର ଆମେରିକାରେ ସାଇମନ୍ କୁଜନେଟ୍ସ (୧୯୦୧-୧୯୮୫)ଙ୍କ ଦ୍ୱାରା ଜିଡିପିର ପୂର୍ବ ଅବତାର ଜି.ଏନ୍.ପି. (ସମୁଦାୟ ଜାତୀୟ ଉତ୍ପାଦ)ର ଉଦ୍ଭାବନ ପରଠାରୁ ଏହାର ସଂଜ୍ଞା, ସ୍ୱରୂପ ଓ ସମୀଚୀନତାକୁ କେନ୍ଦ୍ର କରି ଅର୍ଥଶାସ୍ତ୍ରୀ ଓ ସମାଜବିଜ୍ଞାନୀଙ୍କ ଭିତରେ ବୌଦ୍ଧିକ ବିତର୍କ ଜାରି ରହିଆସିଛି । ପୁଣି ଲକ୍ଷ୍ୟ କରାଯାଇଛି, ପୁଞ୍ଜି-ଭିତ୍ତିକ ଅର୍ଥବ୍ୟବସ୍ଥାରେ ଯେବେ ଯେବେ ସଂକଟ ଦେଖାଦିଏ, ଠିକ୍ ସେହି ସମୟରେ 'ଜିଡିପି'ର ପ୍ରାସଙ୍ଗିକତାକୁ ନେଇ କିଛି ନା କିଛି ବିତର୍କର ଝଡ ବୋହିଥାଏ ଏବଂ ସଂକଟର ସାମୟିକ ଅବସାନ ପରେ, ବିଶେଷକରି ଅର୍ଥବ୍ୟବସ୍ଥାର ଆରୋଗ୍ୟ ଲାଭ ଏବଂ ତତ୍ପରବର୍ତ୍ତୀ ତଥାକଥିତ 'ସମୃଦ୍ଧି'ର ପର୍ଯ୍ୟାୟ ଆରମ୍ଭ ହୁଅନ୍ତେ ଏହି ବିତର୍କ ଘିମେଇ ଯାଇଥାଏ, ଏବଂ ଆଉ ଏକ ସଂକଟର ଆଗମନ ହୁଅନ୍ତେ ପୁଣି ଜୀବନ୍ୟାସ ପାଇଥାଏ । ସୁତରାଂ କୁହାଯାଇପାରେ, ପୁଂଜି-ଭିତ୍ତିକ ଅର୍ଥନୀତିର 'ବାଣିଜ୍ୟଚକ୍ର'ର ଉତ୍ଥାନ-ପତନ ସହ ସମାନ୍ତରାଳ ଭାବେ 'ଜିଡିପି' ବିତର୍କର ଏକ ସର୍ପିଳ ଗତିଧାରା ମୂଳରୁ ବଜାୟ ରହିଆସିଛି । କିନ୍ତୁ ମନେହୁଏ, ଗତ ୧୫ ସେପ୍ଟେମ୍ବର ୨୦୦୮ରେ ଲେହିମାନ୍ ବ୍ରଦର୍ସର ପତନ ପରେ ଯେଉଁ ବିଶ୍ୱ ପୁଞ୍ଜିସଂକଟ ଦେଖାଦେଇଛି, ତାହା ଯେପରି ୧୯୨୯ର ମହା ମାନ୍ଦାବସ୍ଥା ପରଠାରୁ ସର୍ବବୃହତ୍ ସଂକଟ, ସେହିପରି ସେବେଠାରୁ ତେଜିଆନ୍ ହୋଇ ଉଠିଥିବା ଜିଡିପି ବିତର୍କ ଏକ ନିର୍ଣ୍ଣାୟକ ପରିଣତିରେ ପହଞ୍ଚିବା ପାଇଁ କ୍ଷିପ୍ରଗତିରେ ଆଗେଇ ଚାଲିଛି । ଏହାର ଲକ୍ଷଣ ଆମେ ଦେଖିବାକୁ ପାଉ, ସାଂପ୍ରତିକ ବିଶ୍ୱପୁଞ୍ଜିର ଖୋଦ୍ ନାଭିକେନ୍ଦ୍ର ଯୁକ୍ତରାଷ୍ଟ୍ର ଆମେରିକା ଓ ୟୁରୋପର ପ୍ରମୁଖ ଅର୍ଥନୀତିଜ୍ଞ ଓ ରାଷ୍ଟ୍ରନାୟକମାନଙ୍କର ନୂତନ ସ୍ୱାଦର ସ୍ୱୀକାରୋକ୍ତି, ବିବୃତ୍ତି ଓ ପ୍ରତିଶୃତିରୁ ।

## ଜିଡିପି ଗୁରୁଙ୍କ ଚେତାବନୀ

ବିସ୍ମୟକର ମନେ ହେଲେ ବି ଏହା ଖୋଲପଣ ସତ୍ୟ, ଗତ ଶତାବ୍ଦୀର ତୃତୀୟ ଦଶନ୍ଧିରେ ଯେଉଁ ବିଶିଷ୍ଟ ଅର୍ଥଶାସ୍ତ୍ରୀଙ୍କ ଅଗାଧ ପ୍ରୟାସ ଫଳରେ ଜାତୀୟ ଆୟକୁ ମାପିବା ପାଇଁ ଜିଡିପି (ସେତେବେଳର ଜି.ଏନ୍.ପି.) ସୂତ୍ର ପ୍ରଥମେ ଯୁକ୍ତରାଷ୍ଟ୍ର ଆମେରିକା ଓ ତା'ପରେ ସାରା ବିଶ୍ୱରେ ଲୋକଲୋଚନକୁ ଆସିଲା, ଏବଂ ଯାହାଙ୍କୁ ଜିଡିପି ଜନକ ବୋଲି କୁହାଯାଏ, ସେହି ନୋବେଲ୍ ବିଜେତା ସାଇମନ୍ କୁଜ୍ନେଟସ୍ (୧୯୦୧-୧୯୮୫)ନିଜେ ଏହାର ସୀମବଦ୍ଧତା ଦର୍ଶାଇଯାଇଥିଲେ । ସେ ୧୯୩୪ରେ ଆମେରିକାନ୍ କଂଗ୍ରେସ୍କୁ ଦେଇଥିବା ତାଙ୍କର ମୂଳ ରିପୋର୍ଟ (ଜାତୀୟ ଆୟ ୧୯୨୯-୧୯୩୨)ର ପ୍ରଥମ ଅଧ୍ୟାୟ(ଧାରଣା, ପରିସର ଓ ପଦ୍ଧତି)ର ପୃଷ୍ଠା୬-୭ରେ ସ୍ପଷ୍ଟଭାବେ ସୂଚାଇଛନ୍ତି ଯେ, ତାଙ୍କ ପ୍ରଦର୍ଶୀତ ସୂତ୍ର ଅନୁଯାୟୀ ଜାତୀୟ ଆୟର ନିର୍ଦ୍ଧାରଣ କେବଳ ବଜାରରେ ଖର୍ଦ୍ଦି-ବିକ୍ରୀ ହେଉଥିବା ପଣ୍ୟ ଓ ସେବାର ହିସାବ ପାଇଁ ଉଦ୍ଦିଷ୍ଟ, ଏବଂ ଏହାକୁ ସାମଗ୍ରୀକ ଆର୍ଥିକ କଲ୍ୟାଣର ପରିମାପକ ଭାବେ ବ୍ୟବହାର କରିବା ଧୃଷ୍ଟତା ମାତ୍ର । ଏକ ଉଦାହରଣ ଛଳରେ ସେ କହିଛନ୍ତି, ଜଣେ ଗୃହିଣୀର ଗୃହକାର୍ଯ୍ୟ ଯେହେତୁ ବଜାରର କିଣାବିକାର ପରିସର ଭିତରକୁ ଆସୁନାହିଁ, ତେଣୁ ତାହା 'ଜିଡିପି'ର ହିସାବ ଭିତରକୁ ଆସିବ ନାହିଁ, ଅଥଚ ଦେଶର ସାମଗ୍ରୀକ ଆର୍ଥିକ କଲ୍ୟାଣରେ ଏହି କାର୍ଯ୍ୟର ବେଶ୍ ଅବଦାନ ରହିଛି । ଦ୍ୱିତୀୟତଃ, ଯେ କୌଣସି ପଣ୍ୟ ବା ସେବା ବଜାରରେ ସମାନ ମୂଲ୍ୟରେ ବିକ୍ରୀ-ଖର୍ଦ୍ଦି ହେଉଥିଲେ ହେଁ, ଗ୍ରାହକମାନଙ୍କର ବିଷମ ଆର୍ଥିକ ସ୍ଥିତି ଓ କ୍ଷମତା ଅନୁଯାୟୀ ସେହି ସମାନ ମୂଲ୍ୟ ବିଭିନ୍ନ ବ୍ୟକ୍ତିଙ୍କ ଉପରେ ଅଲଗା ଅଲଗା ପ୍ରଭାବ ପକାଇଥାଏ । କିନ୍ତୁ ଜାତୀୟ ଆୟ ନିର୍ଦ୍ଧାରଣ ବେଳେ ସେହି ତାରତମ୍ୟକୁ ବିଚାରକୁ ନିଆ ଯାଇନଥାଏ । ତୃତୀୟତଃ ଜି.ଏନ୍.ପି. ବା ଜିଡିପି କେବଳ ସମୁଦାୟ (ଗ୍ରସ୍) ପରିମାଣର ଆୟକୁ ଆକଳନ କରିଥାଏ, କିନ୍ତୁ ବିଭିନ୍ନ ଦେଶରେ, ଏପରିକି କେତେକ ସଂଘୀୟ ରାଷ୍ଟ୍ରରେ ବିଭିନ୍ନ ରାଜ୍ୟ ମଧ୍ୟରେ ଆୟକର, ବିକ୍ରୀକର ଓ ସବ୍ସିଡି ଭଳି ବିଷୟ ସଂପର୍କୀତ ଆଇନ୍ ଓ ନୀତି ଭିନ୍ନଭିନ୍ନ ହୋଇଥିବାରୁ ବିଭିନ୍ନ ଅଞ୍ଚଳର ଶ୍ରମିକମାନେ ଆପାତ ଦୃଷ୍ଟିରେ ସମାନ ପରିମାଣର 'ଗ୍ରସ୍' ରୋଜଗାର କରୁଥିଲେ ହେଁ, ସେମାନଙ୍କର ପରିଶେଷ (ନେଟ୍) ଆୟ ଭିନ୍ନ ଭିନ୍ନ ହେବାକୁ ବାଧ୍ୟ । ଚତୁର୍ଥତଃ ବିଷମ ଆୟ-ସ୍ତର ଥିବା ଅର୍ଥନୀତିରେ ଆମେ ଜିଡିପି ଭଳି ଗୋଟିଏ ଅଭଙ୍ଗା ସୂତ୍ର ପ୍ରୟୋଗ କରି ଦେଶର ଆର୍ଥିକ କଲ୍ୟାଣ ଭଳି ଏକ ଜଟିଳ, ବହୁମୁଖୀ ବିଷୟ ଉପରେ ସିଦ୍ଧାନ୍ତ ନେବା ଉଚିତ୍ ହେବନାହିଁ । ପଞ୍ଚମତଃ ଦୁଇଟି ଭିନ୍ନ କ୍ଷେତ୍ରରେ ନିଯୁକ୍ତ ଥିବା ଦୁଇଜଣ ବ୍ୟକ୍ତିଙ୍କର ରୋଜଗାରର ପରିମାଣ ଆପାତ ଦୃଷ୍ଟିରେ ସମାନ ହେଲେବି, ଜଣଙ୍କର ପରିଶ୍ରମ ଅନ୍ୟଜଣଙ୍କ ଅପେକ୍ଷା ଅଧିକ କଷ୍ଟକର ଓ କ୍ଳାନ୍ତିଦାୟକ ଅନୁଭୂତ ହୋଇପାରିଥାଏ । କିନ୍ତୁ ଜାତୀୟ ଆୟ ନିର୍ଦ୍ଧାରଣ ପଦ୍ଧତି ଏହି ତାରତମ୍ୟକୁ ବିଚାରକୁ ନେଇନଥାଏ । ସୁତରାଂ କୁଜନେଟ୍ସଙ୍କ ଭାଷାରେ, "ତାଙ୍କ ଦ୍ୱାରା ପ୍ରଦର୍ଶୀତ ସୂତ୍ର ବଳରେ ନିରୂପିତ ହେଉଥିବା ଜାତୀୟ ଆୟକୁ ଦେଖି ଗୋଟିଏ ରାଷ୍ଟ୍ରର ସମାନୁପାତିକ କଲ୍ୟାଣ ଘଟୁଛି ବୋଲି ଦାବୀ କରିଯିବା ସମୀଚୀନ ନୁହେଁ" । ସାଇମନ କୁଜ୍ନେଟ୍ସ ପୁଣି ୧୯୬୨ରେ ତାଙ୍କ ରଚିତ ପୁସ୍ତକ 'ଗୁଣ-ସମୀକ୍ଷା କେମିତି କରିବା ?'ରେ କହିଥିଲେ, "ସମୃଦ୍ଧିର ଆକାର ଓ ପ୍ରକାର, ବ୍ୟୟ ଏବଂ ଫଳାଫଳ ତଥା ସାମୟିକ ଓ ଦୀର୍ଘମିଆଦି ତାତ୍ପର୍ଯ୍ୟ ଭିତରେ ଫରକ୍ ଦେଖିବାକୁ ହେବ । ଅଧିକ ସମୃଦ୍ଧି ପାଇଁ ଲକ୍ଷ୍ୟ ପୋଷଣ କଲାବେଳେ କେଉଁ କ୍ଷେତ୍ରରେ ଏବଂ କେଉଁ ଉଦ୍ଦେଶ୍ୟରେ ଅଧିକ ସମୃଦ୍ଧି ଆବଶ୍ୟକ, ତାହା ସୁନିର୍ଦ୍ଦିଷ୍ଟ ହେବା ଜରୁରୀ" ।

## ଗ୍ରୀନ୍ସ୍ପାନ୍ଙ୍କ ସ୍ୱୀକାରୋକ୍ତି

ଆଲାନ୍ ଗ୍ରୀନ୍ସ୍ପାନ୍ ପ୍ରାୟ ଦୁଇଦଶନ୍ଧି (୧୯୮୭ରୁ ୨୦୦୬) ଧରି ଯୁକ୍ତରାଷ୍ଟ୍ର ଆମେରିକା ଫେଡରାଲ୍ ରିଜର୍ଭର ଅଧ୍ୟକ୍ଷ ଥିଲେ । ୭ ଡିସେମ୍ବର ୧୯୯୯ରେ ଆମେରିକାର ବାଣିଜ୍ୟ ବିଭାଗ ତରଫରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଥିଲା ଯେ, ଜାତୀୟ ଆୟ ହିସାବ ପାଇଁ ଏକ ନିର୍ଭୁଲ୍ ସୂତ୍ର ଜିଡିପି ହେଉଛି ବିଂଶ ଶତାବ୍ଦୀର ସର୍ବଶ୍ରେଷ୍ଠ ଉଦ୍ଭାବନ । କିନ୍ତୁ ସେହି ସମ୍ମିଳନୀରେ ଅନ୍ୟତମ ଟିପ୍ପଣୀକାର ଆଲାନ୍ ଗ୍ରୀନ୍ସ୍ପାନ୍ କହିଥିଲେ, ଏକଥା ସତ, ପଣ୍ୟ ଓ ସେବାର ମୋଟ ବଜାର ମୂଲ୍ୟ ନିର୍ଦ୍ଧାରଣ କରିବା କ୍ଷେତ୍ରରେ ଜିଡିପି ହେଉଛି ସବୁଠାରୁ ଉପଯୋଗୀ । କିନ୍ତୁ ଜୀବନନିର୍ବାହର ସୂଚକ ଭାବେ ଏହା ଏକ ଅକାମୀ ସୂତ୍ର । ଉଦାହରଣ ସ୍ୱରୂପ, ଯୁକ୍ତରାଷ୍ଟ୍ର ଆମେରିକାର ଦକ୍ଷିଣରେ ଅବସ୍ଥିତ ଅନେକ ରାଜ୍ୟରେ

ଗ୍ରୀଷ୍ମଦିନେ ଲୋକେ ଘରଭିତରେ ଏୟାର୍-କଣ୍ଡିସନର୍ ବ୍ୟବହାର କରନ୍ତି, କିନ୍ତୁ ଉତ୍ତରରେ ଅବସ୍ଥିତ ଭେରମଣ୍ଟରେ ପ୍ରାକୃତିକ ବାୟୁ ଏତେ ସୁଶୀତଳ ଯେ, ସେଠାରେ ଏୟାର୍‌କଣ୍ଡିସନର୍ ବ୍ୟବହାର କରିବା ଦରକାର ପଡେନା । କିନ୍ତୁ ଦେଖାଯାଇଛି, ଜିଡିପି କ୍ଷେତ୍ରରେ ଦକ୍ଷିଣର ରାଜ୍ୟଗୁଡିକ ଭେରମଣ୍ଟ୍ ଠାରୁ ଆଗରେ ଅଛନ୍ତି । ଏହା ଏକ ବିଡମ୍ବନା ନୁହେଁ କି? ସେ ପୁଣି କହିଥିଲେ, ଘର ଭିତରେ ଆମେ ନିଜେ ଅନେକ କାମ କରୁ, କିନ୍ତୁ ଆମେ ଯଦି ଜିଡିପି ବଢାଇବାକୁ ଚାହିଁବା, ତେବେ ସେହିସବୁ କାମ ପାଇଁ ସବୈତନ କର୍ମଚାରୀ ନିଯୁକ୍ତ କରିବାକୁ ପଡିବ । ମୋଟ୍ ଉପରେ ଗ୍ରୀନ୍‌ସ୍ୱାନ୍‌ଙ୍କ ମତ ହେଉଛି, ଅର୍ଥନୀତିର ଏକ ସ୍ଥୁଳ, ବାୟବୀୟ ଚିତ୍ର ପାଇବା ପାଇଁ ଜିଡିପି ଗୁରୁତ୍ୱ ବହନ କରିଚାଲିବ, କିନ୍ତୁ ଅର୍ଥନୀତି ଓ ଜନଗଣଙ୍କର ସୁଷମ, ସୁସ୍ଥାୟୀ ଓ ସର୍ବାଙ୍ଗୀନ ବିକାଶ ପାଇଁ ଆମକୁ ଅନ୍ୟାନ୍ୟ ମାନଦଣ୍ଡ ବ୍ୟବହାର କରିବାକୁ ପଡିବ ।

**ଜିଡିପି ହିସାବ ପଦ୍ଧତି**

ପୂର୍ବରୁ ସୂଚୀତ ହୋଇଛି, ପ୍ରଥମେ ଆମେରିକା ଜି.ଏନ୍.ପି. ବ୍ୟବହାର କରୁଥିଲା, କିନ୍ତୁ ଅନ୍ୟସବୁ ଦେଶମାନେ ଜିଡିପି ବ୍ୟବହାର କରୁଥିବାରୁ ଆନ୍ତର୍ଜାତୀୟ ବାଣିଜ୍ୟର ସୁବିଧା ପାଇଁ ୧୯୯୨ମସିହା ଠାରୁ ଆମେରିକା ମଧ୍ୟ ଜିଡିପି ବ୍ୟବହାର କରିଆସୁଛି । ଭାରତ ସମେତ ସବୁଠି 'ଜିଡିପି'ର ଯେଉଁ ସୂତ୍ର ବ୍ୟବହାର ହୋଇଆସୁଛି, ତାହା ମୂଳତଃ ବ୍ୟୟ-ଭିତ୍ତିକ । ସୂତ୍ରଟି ହେଲା, ଜିଡିପି ବା ସମଗ୍ର ଆଭ୍ୟନ୍ତରୀଣ ଉତ୍ପାଦ = ଉପଭୋକ୍ତା(ଘରୋଇ କ୍ଷେତ୍ର)ଙ୍କ ଦ୍ୱାରା ବ୍ୟୟ + ଅର୍ଥଲଗାଣ (ଘରୋଇ କ୍ଷେତ୍ର) ପାଇଁ ବ୍ୟୟ + ସରକାରଙ୍କ ଦ୍ୱାରା ବ୍ୟୟ + (ମୋଟ ରପ୍ତାନୀ ବାବଦ ଆୟ- ମୋଟ ଆମଦାନୀ ବାବଦ ବ୍ୟୟ) । ଜିଡିପି ଠାରୁ ଜି.ଏନ୍.ପି. (ସମୁଦାୟ ଜାତୀୟ ଉତ୍ପାଦ)ର ଫରକ୍ ହେଲା, ଜିଡିପି ଗୋଟିଏ ଦେଶ ଭିତରେ ଉତ୍ପାଦିତ ହେଉଥିବା ସମୁଦାୟ ପଣ୍ୟ ଓ ସେବାର ମୋଟ୍ ବଜାର ମୂଲ୍ୟ ନିରୂପଣ କରୁଥିବା ବେଳେ ଜି.ଏନ୍.ପି. ହେଉଛି ଜିଡିପି + ବିଦେଶରୁ ପ୍ରାପ୍ତ ପରିଶେଷ (ନେଟ୍) ଅର୍ଥରାଶି । ଅର୍ଥାତ୍ ଗୋଟିଏ ଦେଶର ନାଗରିକ ବା କମ୍ପାନୀ ଯଦି ବିଦେଶରେ କାର୍ଯ୍ୟକରି ତା'ର ନେଟ୍ ଆୟ ବା ଲାଭାଂଶ ଦେଶକୁ ପଠାଏ, ତେବେ ତାହା ଜି.ଏନ୍.ପି.ର ପରିସର ଭିତରକୁ ଯିବ । କିନ୍ତୁ ଉଭୟ ଜିଡିପି ଓ ଜିଏନ୍‌ପିର ସାଧାରଣ ବୈଶିଷ୍ଟ୍ୟ ହେଲା, ସବୁ ପ୍ରକାରର ବ୍ୟୟ ମୁଦ୍ରା ଆକାରରେ ପ୍ରକାଶିତ ହେବ, ଯାହାର ଅର୍ଥ ହେଲା, ଏପ୍ରକାର ହିସାବର ପରିସର ଭିତରକୁ ସେହି କାରବାର କେବଳ ଆସିପାରିବ, ଯାହାକି ମୁଦ୍ରା-ଭିତ୍ତିକ କାରବାର ଭିତରେ ଗତି କରିଥିବ, ଅନ୍ୟଥା ନୁହେଁ । ଉଦାହରଣ ସ୍ୱରୂପ, ଜଣେ ମହିଳା ଯଦି ନିଜେ ତା'ର ଶିଶୁକୁ ସ୍ତନପାନ କରାଏ, ତେବେ ତାହା ଜିଡିପି ପରିସରଭୁକ୍ତ ହେବନାହିଁ, କିନ୍ତୁ ସେ ବଜାରରୁ ବେବି ଫୁଡ୍ କିଣି ଯଦି କାମ ଚଳାଏ, ତେବେ ତାହା ଜିଡିପି ଭିତରେ ଗଣାଯିବ । ସୁତରାଂ ସରକାର ସ୍ତନପାନ ସପକ୍ଷରେ ଯେତେ ଯାହା ପ୍ରଚାର କରନ୍ତୁ ନା କାହିଁକି, ଅର୍ଥନୀତିର ଏକ ଅଦୃଶ୍ୟ, ଅଥଚ ସଶକ୍ତ ଚାପ କାମକରିବ ବେବିଫୁଡ୍ ସପକ୍ଷରେ, କାରଣ ତାହାହିଁ ଜିଡିପି ବୃଦ୍ଧିର ଏକମାତ୍ର ମାର୍ଗ । ସେହିପରି ଜଣେ ବ୍ୟକ୍ତି ନିଜେ କୌଣସି ସୂତ୍ରରୁ ମାଗଣା ପାଣି ପିଇଲେ, ତାହା ଜିଡିପିର ତାଲିକାଭୁକ୍ତ ହେବନି, କିନ୍ତୁ ସେ ବଜାରରୁ ପାଣିବୋତଲ କିଣି ପିଇଲେ ତାହା ଗଣାଯିବ । ଜଣେ ପୁରୁଷ ବା ମହିଳା ନିଜର ରୋଗିଣା ମା'କୁ ସେବା କଲେ ତାହା ଜିଡିପି ଭିତରକୁ ଯିବନି, କିନ୍ତୁ ପାରିଶ୍ରମିକ ଦେଇ ନର୍ସ ଦ୍ୱାରା ସେବାର ବ୍ୟବସ୍ଥା କଲେ, ତାହା ଜିଡିପି-ଯୋଗ୍ୟ ହେବ । ଏହି କେତୋଟି ଉଦାହରଣରୁ ସ୍ପଷ୍ଟ ହୋଇଯିବଣି, ସ୍ୱାଧୀନତା ପରଠାରୁ ଆମର ଜିଡିପି ଆଧାରିତ ଅର୍ଥନୀତି ଭାରତକୁ କେଉଁଆଡକୁ ଠେଲିନେଇଛି । ଆମେରିକା, ୟୁରୋପ, ଜାପାନ୍ ଓ ଅଷ୍ଟ୍ରେଲିଆ ଭଳି ଶିଳ୍ପୋନ୍ନତ ଦେଶଗୁଡିକରେ ସମୁଦାୟ ପଣ୍ୟ ଓ ସେବା ଭଣ୍ଡାର ବହୁଳାଂଶରେ ବଜାର-ଭିତ୍ତିକ ଓ ମୁଦ୍ରା-ଭିତ୍ତିକ କାରବାର ଦ୍ୱାରା ପ୍ରଭାବିତ, କାରଣ ସେଠାରେ ଜନସଂଖ୍ୟାର ବିପୁଳାଂଶ ସଂଗଠିତ କ୍ଷେତ୍ରରେ ନିଯୁକ୍ତ । ହୁଏତ୍ ସେସବୁ ଦେଶରେ ଅତୀତରେ ଜିଡିପିର ପ୍ରାସଙ୍ଗିକତା ଥିଲା, ଯଦିଓ ସେଠାରେ ଏବେ ଜିଡିପି-ବିରୋଧୀ ଗୁଞ୍ଜରଣ ଦିନକୁ ଦିନ ଦାନା ବାନ୍ଧିବାରେ ଲାଗିଛି । କିନ୍ତୁ ଭାରତରେ, ଯେଉଁଠି ପ୍ରାୟ ଶତକଡା ୯୨ଭାଗ ଶ୍ରମଶକ୍ତି ଏବେ ବି ଅସଂଗଠିତ କ୍ଷେତ୍ରରେ ନିଯୁକ୍ତ (ଦ୍ରଷ୍ଟବ୍ୟ- ଅସଂଗଠିତ କ୍ଷେତ୍ରର ଶ୍ରମଶକ୍ତି ଉପରେ ଅର୍ଜ୍ଜୁନ ସେନଗୁପ୍ତା କମିଶନ୍‌ଙ୍କ ରିପୋର୍ଟ, ୨୦୦୯), ସେଠାରେ ଜିଡିପି ମୋଟେ ପ୍ରାସଙ୍ଗିକ କି ? ସୁତରାଂ ଆମ ଦେଶର ଜିଡିପି-କୈନ୍ଦ୍ରିକ ଅର୍ଥନୀତି କେତେଜଣ ଓ କେଉଁମାନଙ୍କ ସ୍ୱାର୍ଥରେ ପରିଚାଳିତ ହୋଇଆସିଛି, ତାହା ସହଜରେ ଅନୁମେୟ ।

**ମୁଣ୍ଡପିଛା ଆୟ**

ମୁଣ୍ଡପିଛା ଆୟର ଅନ୍ୟନାମ ହେଲା ମୁଣ୍ଡପିଛା ଜିଡିପି ବୃଦ୍ଧି, ଯାହାକି ନିର୍ଣ୍ଣୀତ ହୁଏ ଗୋଟିଏ ବର୍ଷର ଜିଡିପିର ମୋଟ୍ ମୁଦ୍ରାମୂଲ୍ୟକୁ ମୋଟ ଜନସଂଖ୍ୟାରେ ବିଭାଜନ କରିବା ଦ୍ୱାରା । ଜିଡିପି ଭଳି ଏହା ପ୍ରଚଳିତ ବ୍ୟବସ୍ଥାର ଆଉ ଏକ ଐନ୍ଦ୍ରଜାଲିକ ଖେଳ । ଏହି ଆପାତ-ସରଳ ଗାଣିତିକ ସୂତ୍ର ଚଳନ୍ତି ଦୁନିଆର ଜଟିଳ ବାସ୍ତବତା ସହିତ କେତେ ଯେ ବେଖାପ୍, ତାହାକୁ ବୁଝେଇବା ପାଇଁ ପ୍ରଫେସର୍ ଅମିତ ଭାଦୁରି ଏକ ସହଜ ଉଦାହରଣ ଦେଇଛନ୍ତି । ଧରି ନିଆଯାଉ, ଏକ ଅର୍ଥନୀତିରେ ମୋଟ୍ ୧୦୦ଜଣ ବ୍ୟକ୍ତି କାରବାର ଅଛନ୍ତି । ସେମାନଙ୍କ ଭିତରୁ ଜଣେ ମାଲିକ ଓ ୯୯ଜଣ ଦିନମଜୁରିଆ, ଯେ କି ମାଲିକ ପାଖରେ ମଜୁରିଶ୍ରମ କରି ଗୁଜୁରାଣ ମେଣ୍ଟାନ୍ତି । ପ୍ରତି ମଜୁରିଆର ବାର୍ଷିକ ଆୟ ମାତ୍ର ୧୦୦ଟଙ୍କା ଏବଂ ଏହି ହିସାବରେ ଶ୍ରମିକମାନଙ୍କର ମୋଟ୍ ମଜୁରି ଆୟ ଗତବର୍ଷ ହୋଇଥିଲା ୯୯୦୦ଟଙ୍କା । କିନ୍ତୁ କେବଳ ମାଲିକର ବାର୍ଷିକ ଆୟ ଥିଲା ୨,୨୯୦,୧୦୦ଟଙ୍କା । ସୁତରାଂ ଜିଡିପି ପଦ୍ଧତି ଅନୁଯାୟୀ ସେହି ଅର୍ଥନୀତିର ମୋଟ୍ ଆୟ ଥିଲା ୨,୩୦୦,୦୦୦ ଓ ମୁଣ୍ଡପିଛା ଆୟ ଥିଲା ୨୩,୦୦୦ ଟଙ୍କା । ଧରିନିଆଯାଉ, ଏହାର ପରବର୍ଷ ମଜୁରିଆମାନଙ୍କର ଆୟ ବଢିଲାନାହିଁ, ଅଥଚ ମାଲିକର ବାର୍ଷିକ ଆୟ ୨,୫୨୦,୧୦୦କୁ ଟଙ୍କା ବଢିଗଲା । ତେବେ ସେହି ଅର୍ଥନୀତିର ମୋଟ୍ ଜିଡିପି ହେବ ୨,୫୩୦,୦୦୦, ଯାହାକି ଗତବର୍ଷର ଜିଡିପି ଠାରୁ ୨୩୦,୦୦୦ ଟଙ୍କା ଅଥବା ଶତକଡା ୧୦ ଅଧିକ, ଏବଂ ପ୍ରତି ଶ୍ରମିକର ମୁଣ୍ଡପିଛା ଆୟ ହେବ ୨୫,୩୦୦ଟଙ୍କା, ଯାହାକି ଗତବର୍ଷ (୨୩,୦୦୦ଟଙ୍କା) ତୁଳନାରେ ୨,୩୦୦ ବା ଶତକଡା ୧୦ ଅଧିକ । ଏହିପରି, ଶ୍ରମିକମାନଙ୍କର କୌଣସି ମଜୁରି ବୃଦ୍ଧି ନଘଟିଲେ ମଧ୍ୟ ସେମାନଙ୍କର ଶତକଡା ୧୦ ଆୟବୃଦ୍ଧି ଘଟିଲା ବୋଲି ତଥା ଅର୍ଥନୀତିର ଶତକଡା ୧୦ ଜିଡିପି ବୃଦ୍ଧି ଘଟିଲା ବୋଲି ଦର୍ଶାଇହେବ । ଏହାର ଏକ ବାସ୍ତବ ଦୃଷ୍ଟାନ୍ତ ହେଲା- ୧୯୯୦ରୁ ୨୦୦୬ ମସିହା ଭିତରେ ଯୁକ୍ତରାଷ୍ଟ୍ର ଆମେରିକାର ଶ୍ରମିକମାନଙ୍କର ଆୟ ବର୍ଷକୁ ୦.୫% ରୁ କମ୍ ହାରରେ ବୃଦ୍ଧି ଘଟିଥିଲା, କିନ୍ତୁ ଜି.ଡି.ପି. ବୃଦ୍ଧି ଘଟିଥିଲା ୩.୬% ହାରରେ (ଦ୍ରଷ୍ଟବ୍ୟ- ଯୁକ୍ତରାଷ୍ଟ୍ର ଆମେରିକାର ପରିସଂଖ୍ୟାନ ସାରାଂଶ, ୨୦୦୮) । ଏହାହିଁ ଘଟିଆସିଛି ଭାରତବର୍ଷରେ ସ୍ୱାଧୀନତା ପରଠାରୁ । ଗତ ଜୁଲାଇ ପ୍ରଥମ ସପ୍ତାହରେ ଦେଶର ଅର୍ଥମନ୍ତ୍ରୀ ଯେଉଁ ଆର୍ଥିକ ସର୍ବେକ୍ଷଣ ୨୦୦୮-୦୯ ସଂସଦରେ ଉପସ୍ଥାପନ କରିଥିଲେ, ତହିଁର ପ୍ରଥମ ଅଧ୍ୟାୟରେ ଦାବୀ କରାଯାଇଛି ଯେ, ୨୦୦୭-୦୮ରେ ଜଣେ ଭାରତୀୟର ମୁଣ୍ଡପିଛା ବାର୍ଷିକ ଆୟ

୨୯,୯୦୧ଟଙ୍କା ଥିବା ବେଳେ ୨୦୦୮-୦୯ରେ ତାହା ୩୧,୨୭୮ଟଙ୍କାକୁ ବଢ଼ିଗଲା, ତଥା ୨୦୦୭-୦୮ରେ ସେ ୧୭,୦୯୭ଟଙ୍କା ପଣ୍ୟ ଓ ସେବା ବାବଦରେ ବାର୍ଷିକ ଖର୍ଚ୍ଚ କରିପାରୁଥିବା ବେଳେ ୨୦୦୮-୦୯ରେ ତାହା ୧୭,୩୪୪ଟଙ୍କାକୁ ବୃଦ୍ଧି ପାଇଲା (ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୧.୨୨)। ଜିଡିପି ଓ ମୁଣ୍ଡପିଛା ଆୟ ନିର୍ଣ୍ଣୟର ସୂତ୍ରାବଳୀ ଅନୁଯାୟୀ ଏଠାରେ ଗଣିତ-କଷା ଠିକ୍ ଥାଇପାରିଥାଏ, କିନ୍ତୁ ଦେଶର ସହର ବା ଗାଁ ଯୁଆଡେ ବି ଆଖି ବୁଲାଇ ଆଣିଲେ, ଏହାର ସତ୍ୟତା ମିଳିବ କି ? ପୁଣି ଏକ ବିଡମ୍ବନା- ଉପରୋକ୍ତ ସର୍ବେକ୍ଷଣର ଦଶମ ଅଧ୍ୟାୟରେ ଯେଉଁ ଅର୍ଜ୍ଜୁନ ସେନଗୁପ୍ତା କମିଶନଙ୍କ ବିଷୟରେ ଚର୍ଚ୍ଚା କରାଯାଇଛି (ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୧୦.୫), ସେହି କମିଶନ୍‌ଙ୍କ ବକ୍ତବ୍ୟ ଅନୁଯାୟୀ ଜନସଂଖ୍ୟାର ଶତକଡା ୭୭ଭାଗ ଲୋକ ଦୈନିକ ୨୦ଟଙ୍କାରୁ କମ୍ ଖର୍ଚ୍ଚରେ ଚଳୁଛନ୍ତି (ଦ୍ରଷ୍ଟବ୍ୟ- ମୁଖବନ୍ଧ, ଅସଂଗଠିତ କ୍ଷେତ୍ରର ଶ୍ରମଶକ୍ତି ଉପରେ ଅର୍ଜ୍ଜୁନ ସେନଗୁପ୍ତା କମିଶନ୍‌ଙ୍କ ରିପୋର୍ଟ, ଏପ୍ରିଲ୍ ୨୦୦୯)। ବର୍ତ୍ତମାନ ବାସ୍ତବତା ଯାହା ହେଉନା କାହିଁକି, ବିଭିନ୍ନ ସରକାରୀ ସୂତ୍ରରୁ ମିଳୁଥିବା ପରିସଂଖ୍ୟାନ ଭିତରେ କୌଣସି ତାଳମେଳ ଅଛି କି ? ସୁତରାଂ ଜିଡିପି ଭଳି ମୁଣ୍ଡପିଛା ଆୟ ଆଉ ଏକ ଭେଳିକି, ଯହିଁର ରହସ୍ୟ ଉନ୍ମୋଚନ ଆଜି ସର୍ବାଦୌ ଜରୁରୀ।

**ନେପଥ୍ୟ ଖଳନାୟକ**

ଜିଡିପି ଯେ କେବଳ ଅର୍ଥନୀତି ଏବଂ ନାଗରିକ କଲ୍ୟାଣ ସମ୍ବନ୍ଧରେ ଏକ ବିକୃତ ଚିତ୍ର ପରିବେଷଣ କରିଥାଏ, ତାହା ନୁହେଁ, ଏହା ସମସ୍ତ ପ୍ରକାର ସାମାଜିକ ବିଶୃଙ୍ଖଳା, ଭ୍ରଷ୍ଟାଚାର ଓ ଦୁର୍ଗୁଣତାର କାୟାବିସ୍ତାର ପଛରେ ଏକ ଅଦୃଶ୍ୟ ଖଳନାୟକ ଭାବେ କାର୍ଯ୍ୟ କରିଥାଏ। ଯୁକ୍ତରାଷ୍ଟ୍ର ଆମେରିକାର ସାଉଥ୍ ଫ୍ଲୋରିଡାରେ ୧୯୯୨ ଅଗଷ୍ଟରେ ହରିକେନ୍ ଆଣ୍ଡ୍ରିଉ ଭଳି ଏକ ମହାବାତ୍ୟା ଯୋଗୁଁ ୧୫ ବିଲିଅନ୍ ଡଲାର୍ ଜିଡିପି ବୃଦ୍ଧି ପାଇଥିଲା। କାରଣ, ବିପର୍ଯ୍ୟୟ ଘଟିବା ପରେ ଯେଉଁ ରିଲିଫ୍, ଥଇଥାନ ଓ ପୁନର୍ନିର୍ମାଣ କାର୍ଯ୍ୟକ୍ରମ ନିଆଗଲା, ସେଥିରେ ଏହି ପ୍ରଭୂତ ଅର୍ଥରାଶି ବ୍ୟୟ ହୋଇଥିଲା। ଅନ୍ୟ ଭାଷାରେ କହିଲେ, ଯଦି ଉକ୍ତ ବିପର୍ଯ୍ୟୟ ଘଟିନଥାନ୍ତା, ତେବେ ସାଉଥ୍ ଫ୍ଲୋରିଡାର ଜିଡିପି ୧୫ ବିଲିୟନ୍ ବୃଦ୍ଧି ହୋଇନଥାନ୍ତା (ଜେନୁଇନ୍ ପ୍ରୋଗ୍ରେସ୍ ଇଣ୍ଡିକେଟର, ୨୨ସେପ୍ଟେମ୍ବର ୨୦୦୮)। ସେମିତି ସମାଜରେ ସଂଘର୍ଷ ଓ ଅପରାଧ ବଢ଼ିଲେ, ତାକୁ ରୋକିବା ପାଇଁ ସରକାରଙ୍କର ବିଭିନ୍ନ ଖର୍ଚ୍ଚ ଓ ସଂପୃକ୍ତ ପକ୍ଷମାନଙ୍କ ତରଫରୁ ମାଲିମୋକଦ୍ଦମା ବାବଦ ଖର୍ଚ୍ଚର ବୃଦ୍ଧି ଘଟିଥାଏ ଏବଂ ତଦ୍ଦ୍ୱାରା ଜିଡିପିର ଆକାର ବଢ଼ିଥାଏ। ମଶା ଓ ମ୍ୟାଲେରିଆର ପ୍ରାଦୁର୍ଭାବ ବଢ଼ିଲେ ଜିଡିପି ମଧ୍ୟ ବଢ଼ିବ, କାରଣ ଡାକ୍ତର, ଔଷଧ, ଚିକିତ୍ସା ଇତ୍ୟାଦି ବାବଦରେ ହଠାତ୍ ଖର୍ଚ୍ଚ ବଢ଼ିଯିବ। ପୁଣି ଦୁର୍ନୀତି ବଢ଼ିଲେ ଜିଡିପି ମଧ୍ୟ ବଢ଼ିବ। ଦୃଷ୍ଟାନ୍ତ ସ୍ୱରୂପ, ଦୁର୍ନୀତି କାରଣରୁ ଯଦି ଗୋଟିଏ ପୋଲ ଅକାଳରେ ଭୁଷୁଡି ପଡେ, ତେବେ ତାହାର ପୁନର୍ନିର୍ମାଣ ପାଇଁ ଅତିରିକ୍ତ ଖର୍ଚ୍ଚ କରାଯିବ। ଯୁଦ୍ଧ କାରଣରୁ ଅସ୍ତ୍ରଶସ୍ତ୍ର, ସୈନ୍ୟବାହିନୀ ଏବଂ ପରିବହନ ପିଛା ସରକାରୀ ଖର୍ଚ୍ଚ ବଢ଼ିଯାଏ, ତେଣୁ ଜିଡିପି ମଧ୍ୟ ତଦନୁପାତରେ ବଢ଼ିବ। ଗଛକଟା ହେଲେ ସେହି ଗଛର ବିକ୍ରୀ, ପରିବହନ ତଥା ଉପଯୋଗ ବାବଦରେ ଯେଉଁ ଆର୍ଥିକ କାରବାର ସୃଷ୍ଟିହୁଏ, ତାହା ଜିଡିପିର ଆକାରକୁ ହିଁ ବଢ଼ାଇଥାଏ। ନଦୀ, ଝରଣା, ପୋଖରୀ ଇତ୍ୟାଦି ମୁକ୍ତ-ଉତ୍ସରୁ ମାଗଣା ଜଳ ବ୍ୟବହାର ପରିବର୍ତ୍ତେ ଯଦି ଯାନ୍ତ୍ରିକ ଉପାୟରେ ଭୂତଳ ଜଳ ଉତ୍ତୋଳନ କରାଯାଏ, ତେବେ ଜିଡିପି ବଢ଼ିବ। କ୍ରମବର୍ଦ୍ଧିଷ୍ଣୁ ଜଳ-ଉତ୍ତୋଳନ ସହିତ ତାଳଦେଇ ଭୂତଳ ଜଳସ୍ତର ଯେତେ ନିମ୍ନଗାମୀ ହେବ, ଜଳ-ଉତ୍ତୋଳନ କରିବାକୁ ସେତେ ଅଧିକ ଖର୍ଚ୍ଚ ଲାଗିବ, ଏବଂ ଜିଡିପି ବୃଦ୍ଧି ମଧ୍ୟ ସମତାଳରେ ଆଗେଇଚାଲିବ। ରାସ୍ତାଘାଟ, କଳକାରଖାନା ବା ଅନ୍ୟ ଯେଉଁଠି ଯେତେ ଅଧିକ ଦୁର୍ଘଟଣା ଘଟିବ, ତଜ୍ଜନିତ କ୍ଷୟକ୍ଷତିର ଭରଣା ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଅଧିକ ଖର୍ଚ୍ଚ ବଢ଼ିବ, ଏବଂ ତା ଫଳରେ ଜିଡିପି ମଧ୍ୟ ବଢ଼ିବ। ଜିଡିପି ନିଶା କିଭଳି ଗୋଟିଏ ଦେଶକୁ ଛାରଖାର କରିଦେଇପାରେ, ତା'ର ଏକ ଜ୍ୱଳନ୍ତ ଉଦାହରଣ ହେଉଛି, ଅଷ୍ଟ୍ରେଲିଆ ନିକଟରେ ଏକ ଦ୍ୱୀପରେ ଅବସ୍ଥିତ ନାଉରୁ ଦେଶ। ୧୯୬୮ରେ ଏହା ସ୍ୱାଧୀନ ହେବା ପରେ ଏଠାରୁ ବ୍ୟାପକ ଫସ୍‌ଫେଟ୍ ଉତ୍ତୋଳନ ଓ ରପ୍ତାନୀ ଫଳରେ ଏହାର ଜିଡିପି ବୃଦ୍ଧିର ହାର ଏକଦା ପୃଥିବୀ ଭିତରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। କିନ୍ତୁ ଅଶୀ ଦଶନ୍ଧି ଶେଷ ବେଳକୁ ଏହା ପୃଥିବୀର ସବୁଠୁଁ କାଙ୍ଗାଳ ଓ ପ୍ରଦୂଷିତ ଦେଶରେ ପରିଣତ ହୋଇପଡିଲା। ଗୋଟିଏ ସରକାରୀ ପ୍ରକଳ୍ପ ନିର୍ଦ୍ଧାରିତ ସମୟ ଭିତରେ ସମାପ୍ତ ନହୋଇ ଯେତେ ବିଳମ୍ବ ଘଟିବ, ପ୍ରକଳ୍ପର ପ୍ରଲମ୍ବିତ ବ୍ୟୟରାଶି କାରଣରୁ ଜିଡିପିର ପରିମାଣ ମଧ୍ୟ ତଦନୁପାତରେ ବଢ଼ିବଢ଼ି ଚାଲିବ। ଆଉ ଗୋଟିଏ ଜଣାଶୁଣା ଦୃଷ୍ଟାନ୍ତ ହେଲା, ସମ୍ବିଧାନ ଘୋଷଣାର ୧୦ବର୍ଷ ଭିତରେ ଦେଶର ସମସ୍ତ ୧୪ ବର୍ଷ ପର୍ଯ୍ୟନ୍ତ ବୟସର ପିଲାଙ୍କ ପାଇଁ ମାଗଣା ପ୍ରାଥମିକ ଶିକ୍ଷାର ବ୍ୟବସ୍ଥା କରାଯିବ ବୋଲି ସାମ୍ବିଧାନିକ ଘୋଷଣାର ଲଗାତାର ଉଲ୍ଲଂଘନ। ଏପ୍ରକାର ଉଲ୍ଲଂଘନ ଫଳରେ ସରକାରଙ୍କର କିଛି ଅସୁବିଧା ହେଉନାହିଁ, କାରଣ ଏ କ୍ଷେତ୍ରରେ ତୁହାକୁ ତୁହା ନୂଆନୂଆ ସରକାରୀ କାର୍ଯ୍ୟକ୍ରମ ଘୋଷିତ ହୋଇଚାଲିଛି ଏବଂ ତଦନୁଯାୟୀ ଅର୍ଥବ୍ୟୟ ଘଟିଚାଲିଛି ଏବଂ ଜିଡିପିର ଆକାର ମଧ୍ୟ ବଢ଼ିବଢ଼ି ଚାଲିଛି। ସୁତରାଂ ଯେଉଁ ସରକାର ଜିଡିପି ବୃଦ୍ଧିକୁ ଆର୍ଥିକ ବିକାଶର ମୌଳିକ ମାନଦଣ୍ଡ ବୋଲି ଧରିନେଇଛି, ସେ ଶିକ୍ଷା, ସ୍ୱାସ୍ଥ୍ୟ, ଲିଙ୍ଗନ୍ୟାୟ, ସମତା, ନିର୍ମଳ ଶାସନ, ସ୍ୱଚ୍ଛତା, ପରିବେଶ ସୁରକ୍ଷା, ମିତବ୍ୟୟିତା, ଦକ୍ଷତା, ନିଷ୍ଠାପରତା ଇତ୍ୟାଦି ମହାନ୍ ଲକ୍ଷ୍ୟ ସମ୍ବନ୍ଧରେ ଯାହା ପ୍ରଚାର କଲେବି ତାହା କେବଳ କାଗଜ-କଲମରେ ସୀମିତ ରହିବା ଅବଶ୍ୟମ୍ଭାବୀ।

**ଷ୍ଟିଗ୍‌ଲିଜ୍ କମିଶନ୍**

୨୦୦୭ରେ ଆମେରିକା ଓ ୟୁରୋପ୍‌ରେ ପୁଞ୍ଜିସଂକଟର ଲକ୍ଷଣ ପ୍ରକାଶ ପାଇବା ପରେ ଫେବୃଆରି ୨୦୦୮ରେ ଫ୍ରାନ୍ସ ରାଷ୍ଟ୍ରପତି ନିକୋଲସ୍ ସାର୍‌କୋଜି ବିଶ୍ୱବ୍ୟାଙ୍କର ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ ତଥା ୨୦୦୧ର ନୋବେଲ୍ ବିଜେତା ଜୋସେଫ୍ ଷ୍ଟିଗ୍‌ଲିଜ୍‌ଙ୍କ ଅଧ୍ୟକ୍ଷତାରେ 'ଆର୍ଥିକ କାର୍ଯ୍ୟଧାରା ଓ ସାମାଜିକ ପ୍ରଗତିର ମାନ-ନିର୍ଦ୍ଧାରଣ ପାଇଁ କମିଶନ' ଗଠନ କଲେ। ଏହାର ଉପଦେଷ୍ଟା ରୂପେ ୧୯୯୮ର ନୋବେଲ୍ ବିଜେତା ପ୍ରଫେସର୍ ଅମର୍ତ୍ତ୍ୟ ସେନ୍ ଏବଂ ସଂଯୋଜକ ରୂପେ ପ୍ରଫେସର୍ ଜାଁ ପଲ୍ ଫିଟୋସି ରହିଲେ। ଭାରତରୁ ପ୍ରଫେସର୍ ବୀଣା ଅଗ୍ରୱାଲ୍‌ଙ୍କ ସମେତ ବିଭିନ୍ନ ଦେଶ ଏବଂ ବିଶ୍ୱବିଦ୍ୟାଳୟରୁ ମୋଟ ୨୨ଜଣ ପ୍ରତିନିଧି ଏହି କମିଶନ୍‌ର ସଭ୍ୟ ରହିଲେ। କମିଶନ୍ ୧୮ମାସ ପରେ ଗତ ସେପ୍ଟେମ୍ବର ୧୪, ୨୦୦୯ରେ ୨୯୨ ପୃଷ୍ଠାର ଏକ ରିପୋର୍ଟ ଦାଖଲ କରିଛନ୍ତି। ଏହାର ମୁଖ୍ୟ ସୁପାରିଶ୍ ବିଷୟରେ ଷ୍ଟିଗ୍‌ଲିଜ୍ କହିଛନ୍ତି, କେବଳ ବଜାର-ଭିତ୍ତିକ ପଣ୍ୟ ଓ ସେବାର ମୂଲ୍ୟ ଉପରେ ଆକଳିତ ହେଉଥିବା ଜିଡିପିକୁ ଆର୍ଥିକ ସମୃଦ୍ଧିର ମାନଦଣ୍ଡ ରୂପେ ଧରିନେଇ ପୃଥିବୀର ଦେଶମାନେ ଏହାର କ୍ରମାଗତ ଅଭିବୃଦ୍ଧି ଦିଗରେ ନିଜେ ଧାଇଁବା ସହିତ ପରସ୍ପର ଭିତରେ ପ୍ରତିଦ୍ୱନ୍ଦ୍ୱିତାରେ ମାତିଗଲେ। ପରିଣାମ ସ୍ୱରୂପ, ଜିଡିପି ବଢ଼ିଚାଲିଲା, କିନ୍ତୁ ଲୋକମାନଙ୍କ ଜୀବନର ମାନଦଣ୍ଡ ସମାନୁପାତରେ ବଢ଼ିଲା ନାହିଁ, କି ଅର୍ଥନୀତିର ସୁଷମ ବିକାଶ ଘଟିଲା ନାହିଁ, ବରଂ ଅସମାନତା ବଢ଼ିଚାଲିଲା। ପୁଣି ପ୍ରାକୃତିକ ସମ୍ପଦ ଏବଂ ପରିବେଶକୁ ମୂଲ୍ୟ ଦେଉନଥିବା

ଜିଡିପି ଯେତେ ଯେତେ ବଢ଼ି ଚାଲିଲା, ପୃଥିବୀର ଜଳବାୟୁରେ ସଂକଟ ମଧ୍ୟ ଗଭୀରତର ହେଲା । ଜିଡିପିର କ୍ରମବର୍ଦ୍ଧିଷ୍ଣୁ ଅଂଶବିଶେଷ ରୂପେ ପ୍ରତି ଦେଶରେ ସରକାରଙ୍କ ତରଫରୁ ବିଭିନ୍ନ ବାବଦରେ ଅର୍ଥବ୍ୟୟ ବଢ଼ିବଢ଼ି ଚାଲିଲା, ଯଥା ଗତ ୬୦ ବର୍ଷ ଭିତରେ (୧୯୪୯ ଠାରୁ) ସମୁଦାୟ ଜିଡିପି ଭିତରୁ ସରକାରୀ ବ୍ୟୟ ୟୁ.ଏସ୍.ଏ.ରେ ୨୧.୪% ରୁ ୩୮.୬%, ଫ୍ରାନ୍ସରେ ୨୭.୬% ରୁ ୫୨%, ୟୁ.କେ.ରେ ୩୪.୨% ରୁ ୪୭.୬% , ଜର୍ମାନୀରେ ୩୦.୪% ରୁ ୪୪% ବୃଦ୍ଧି ଘଟିଛି । କିନ୍ତୁ ତହିଁର ଭଲମନ୍ଦ ବିଚାର କରିବାର ବ୍ୟବସ୍ଥା ଜିଡିପି ତତ୍ତ୍ୱ ଭିତରେ ଅନ୍ତର୍ନିହିତ ନଥିବାରୁ ସେହି ବର୍ଦ୍ଧିତ ସରକାରୀ ବ୍ୟୟ ସମାନୁପାତିକ ଭାବେ ସର୍ବସାଧାରଣଙ୍କ ସନ୍ତୋଷଜନକ ହେବା ଭଳି କଲ୍ୟାଣ ସାଧନ କରିପାରିନାହିଁ । ସର୍ବୋପରି ଗତବର୍ଷ ପ୍ରଥମେ ଆମେରିକା ଓ ତା'ପରେ ପରେ ବିଶ୍ୱ ଅର୍ଥନୀତି ଯେଭଳି ଆକସ୍ମିକ ପୁଂଜିସଂକଟର ସମ୍ମୁଖୀନ ହେଲା, ତହିଁର ପୂର୍ବାନୁମାନ କରିବାରେ କି ତାକୁ ସମ୍ଭାଳିବାରେ ଜିଡିପିର ପରିସଂଖ୍ୟାନ ସହାୟକ ହୋଇନାହିଁ । ବରଂ ଅର୍ଥନୀତି ଓ ଜନଜୀବନର ପ୍ରକୃତ ସମୃଦ୍ଧି ସହ ସଂପର୍କୀତ ନଥିବା ଜିଡିପି ମରୀଚିକା ପଛରେ ଧାଇଁବା ଫଳରେ ଆମକୁ ଅତର୍କୀତ ଭାବେ ସଂକଟ ଗ୍ରାସ କଲା । କିନ୍ତୁ ବର୍ତ୍ତମାନର ଆହ୍ୱାନ୍- ବଜାର-ଭିତ୍ତିକ କାରବାରର ଅଭିବୃଦ୍ଧି ସହିତ ଅର୍ଥନୀତି ଓ ଜନଜୀବନର ସାମଗ୍ରୀକ ଓ ସୁସ୍ଥାୟୀ ଅଭିବୃଦ୍ଧିକୁ ମାନ୍ୟତା ଦେଉଥିବା ମାନ-ନିର୍ଦ୍ଧାରକ ସୂଚକଗୁଡ଼ିକୁ ନିର୍ଣ୍ଣୟ କରିବା, ଯାହାକି ଉଭୟ ଜିଡିପିର ଉଦ୍ଦେଶ୍ୟ ସାଧନ କରିବା ସହିତ ସମାଜର ସର୍ବାତ୍ମକ ବିକାଶ ପାଇଁ ଅଭିପ୍ରେତ ହେବ । ସର୍ବୋପରି ସମାଜ ପ୍ରଗତିର ପ୍ରକୃତ ଛବି ଜିଡିପି ଭଳି ଗୋଟିଏ ଏକପାଖିଆ, ବୃଦ୍ଧି-ବାତୁଳ ହିସାବ-ଫର୍ଦ୍ଦରୁ ମିଳିପାରିବ ନାହିଁ; ଏହା ମିଳିବ ଏକ ସାମଗ୍ରୀକ ସନ୍ତୁଳନ-ଫର୍ଦ୍ଦ (ବାଲାନ୍ସ ସିଟ୍)ରୁ, ଯେଉଁଥିରେ ଉଭୟ ବିନିଯୋଗ ଓ ଫଳାଫଳ, ପରିମାଣ ଓ ଗୁଣ, ତାତ୍କାଳୀକ ଓ ଦୀର୍ଘସ୍ଥାୟୀ, ତଥା ପ୍ରକୃତି ଓ ମାନବ ସମ୍ବନ୍ଧରେ ସମାନ ଗୁରୁତ୍ୱ ବହନ କରୁଥିବା ସୂଚନାବଳୀ ଉପଲବ୍‌ଧି ହେଉଥିବ ।

**ଭାରତର ନିଦ ଭାଙ୍ଗିବ ତ ?**

ଗତ ଶତାବ୍ଦୀରେ ଘଟିଥିବା ମହା ମାନ୍ଦାବସ୍ଥାରୁ ମୁକୁଳିବା ପାଇଁ ଶିଳ୍ପୋନ୍ନତ ଦେଶ ଗୁଡିକର ସଂଯୋଜିତ ପ୍ରୟାସ, ୨ୟ ବିଶ୍ୱଯୁଦ୍ଧ ସମୟରେ ସେମାନଙ୍କର ଯୁଦ୍ଧ-ଅର୍ଥନୀତିକୁ ତେଜିଆନ୍ କରି ରଖିବା ଏବଂ ଯୁଦ୍ଧୋତ୍ତର ପୁନଃନିର୍ମାଣ ଓ ବିକାଶ ପର୍ଯ୍ୟାୟରେ ନିଜନିଜ ଭିତରେ ଉଭୟ ପ୍ରତିଦ୍ୱନ୍ଦ୍ୱିତା ଓ ସହଯୋଗିତା ଭିତ୍ତିରେ କ୍ରମବର୍ଦ୍ଧିଷ୍ଣୁ କାରବାର କରିବା ପରିପ୍ରେକ୍ଷୀରେ ବିଚାର କଲେ ଆମେ ଜାଣିପାରିବା ଯେ, ଆମେରିକା ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ଏହି ପ୍ରଲମ୍ବିତ ପର୍ଯ୍ୟାୟର ଅଗ୍ରାଧିକାର ଥିଲା, କେଉଁ ଦେଶ କେତେ ଖର୍ଚ୍ଚ କରିପାରିବ ? ତେଣୁ ସ୍ୱାଭାବିକ ଭାବେ ଜିଡିପି ସେତେବେଳେ ସେମାନଙ୍କ ପାଇଁ ମୋଟ୍ ଜାତୀୟ ଅର୍ଥବ୍ୟୟର ହିସାବ ରଖିବା ଦୃଷ୍ଟିରୁ ଏକ ଉପଯୋଗୀ ମାନଦଣ୍ଡ ଥିଲା । କିନ୍ତୁ ସେମାନେ ସେତେବେଳେ ଭୁଲିଯାଇଥିଲେ ଯେ, ଅଭିବୃଦ୍ଧି ନାଁରେ ଏକତରଫା, ଅବିଚାରିତ ଓ ଅସମନ୍ୱିତ ଅର୍ଥବ୍ୟୟ ଯୋଗୁଁ ଦିନେ ସେମାନଙ୍କ ଅଲକ୍ଷ୍ୟରେ ପ୍ରାକୃତିକ ସମ୍ପଦର ଅବକ୍ଷୟ ଓ ପରିବେଶ ଅସନ୍ତୁଳନ ସହିତ ବାଣିଜ୍ୟ-ଚକ୍ରର ଘନଘନ ଉତ୍‌ଥାନ-ପତନ ଓ ସାମାଜିକ ବୈଷମ୍ୟ ଓ ବିଶୃଙ୍ଖଳା ମାରାତ୍ମକ ଆକାର ଧାରଣ କରିବ । ବସ୍ତୁତଃ ତାହାହିଁ ଘଟିଲା, ଏବଂ ସେହି କାରଣରୁ ରୈଖିକ ଓ ନିରୋଳା ଅଭିବୃଦ୍ଧିର ସାର୍ବଜନୀନ ପ୍ରତୀକ ବୋଲାଉଥିବା ଜିଡିପି ଉପରେ ଚଳିତ ଶତାବ୍ଦୀର ଆରମ୍ଭରୁ ସେସବୁ ଦେଶରେ ପ୍ରଚଣ୍ଡ ବୌଦ୍ଧିକ ଆକ୍ରମଣ ଜାରି ରହିଛି । କିନ୍ତୁ ଭାରତ ବର୍ଷ, ଯେଉଁଠି ଏବେ ବି ଶତକଡା ୯୨ଭାଗ ଶ୍ରମଶକ୍ତି ଅସଂଗଠିତ କ୍ଷେତ୍ରରେ ନିୟୋଜିତ ଅଛନ୍ତି ଓ ମୁଦ୍ରା ଓ ବ୍ୟାଙ୍କ ଆଧାରିତ ଅର୍ଥନୀତି ଠାରୁ ସୁଦୃଶ୍ୟ ଦୂରତ୍ୱରେ ଅଛନ୍ତି, ତା'ର ଅବସ୍ଥା ମୂଳରୁ ନିଆରା ଥିଲା ଏବଂ ଏବେ ବି ନିଆରା ଅଛି । କିନ୍ତୁ ଏହା ଏକ ମସ୍ତବଡ ବିଡମ୍ବନା ଯେ, ଓଧ ସହିତ ଭୂଆଁ ବିରାଡି ବାଘ ଭଳି ଭାରତ ସରକାର ଏବେବି ବିବଦମାନ ଜିଡିପିକୁ ନେଇ ସୁଖସ୍ୱପ୍ନରେ ବିଭୋର ଅଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ, କେନ୍ଦ୍ର ଅର୍ଥମନ୍ତ୍ରୀ ଗତ ୬ ଜୁଲାଇରେ ତାଙ୍କ ବଜେଟ୍ ଭାଷଣରେ ଦେଶ ଯେଉଁ ତିନୋଟି ମୁଖ୍ୟ ଆହ୍ୱାନ୍‌ର ସମ୍ମୁଖୀନ ବୋଲି କହିଛନ୍ତି, ତାହା ଭିତରୁ ପ୍ରଥମଟି ହେଲା ପୂର୍ବ ୩ବର୍ଷ ତୁଳନାରେ ୨୦୦୦-୦୯ରେ ଶତକଡା ୬.୭କୁ ଖସି ପଡିଥିବା ଜିଡିପି ହାରକୁ ଖୁବ୍‌ଶୀଘ୍ର ପୁଣି କେମିତି ଶତକଡା ୯ରେ ପହଞ୍ଚାଇ ହେବ ; ୨ୟଟି ହେଲା, ସବୁଶ୍ରେଣୀର ବିକାଶ ଏବଂ ୩ୟ ହେଉଛି ପ୍ରସାଶନର କ୍ରିୟାଶୀଳତା । କିନ୍ତୁ ଆମେ ଉପରେ ଆଲୋଚନା କରିସାରିଛେ, ଜିଡିପି ଅଭିବୃଦ୍ଧି ଉପରେ ପ୍ରାଥମିକତା ଦେବାର ଅର୍ଥ ବାକୀ ଲକ୍ଷ୍ୟଗୁଡ଼ିକୁ କେବଳ ବଚନ-ସର୍ବସ୍ୱ ସ୍ତରରେ ରଖିବା । ଏହାଛଡା, ବର୍ତ୍ତମାନ ଭାରତର ଯେଉଁ ଜିଡିପି ଚିତ୍ର ଆମେ ଦେଖୁଛୁ, ତାହାର ତଳସ୍ତରର ବାସ୍ତବତା ସହିତ କୌଣସି ସଂପର୍କ ନାହିଁ । ଉଦାହରଣ ସ୍ୱରୂପ, ଦେଶର ମୋଟ୍ ଶ୍ରମଶକ୍ତିର ଶତକଡା ୫୨ଭାଗ କୃଷିରେ ନିଯୁକ୍ତ ଥିବା ବେଳେ ସମୁଦାୟ ଜିଡିପିର ମାତ୍ର ଶତକଡା ୧୭.୮ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରମାନଙ୍କରୁ ଆସୁଛି (ଦ୍ରଷ୍ଟବ୍ୟ- ଅଧ୍ୟାୟ ୭, ଆର୍ଥିକ ସର୍ବେକ୍ଷଣ ୨୦୦୮-୦୯) । ଏହାର ସିଧା ଅର୍ଥ ହେଉଛି, ଦେଶର ଅର୍ଥନୀତି ସଂଖ୍ୟାଗରିଷ୍ଠ ଲୋକଙ୍କ ଜୀବନ-ଜୀବିକା ସହିତ ସଂପର୍କ ରଖିନାହିଁ, ଏବଂ ଏହା କାରଣ ହେଉଛି ଜିଡିପି ମାୟା । କିନ୍ତୁ କ୍ଷୋଭର ବିଷୟ, ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଓ ଗୃହମନ୍ତ୍ରୀ ପି.ଚିଦାମ୍ବରମ୍‌ଙ୍କ ଭଳି ବିଶିଷ୍ଟ ଅର୍ଥନୀତିଜ୍ଞମାନେ ବର୍ତ୍ତମାନ ସରକାର ପରିଚାଳନା କରୁଥିଲେ ବି, ସେମାନେ ଏପର୍ଯ୍ୟନ୍ତ ଜିଡିପି ଭଳି ଏକ ଜରାଜୀର୍ଣ୍ଣ ଅଥଚ ବିପଜ୍ଜନକ ତତ୍ତ୍ୱକୁ ଜାବୁଡ଼ି ଧରିଚାଲିଛନ୍ତି । କେବଳ ପ୍ରଫେସର୍ ଅମିତ ଭାଦୁରିଙ୍କ ଭଳି କ୍ୱଚିତ୍ ଅର୍ଥନୀତିଜ୍ଞଙ୍କୁ ବାଦ୍ ଦେଲେ ଭାରତର କୌଣସି ବିଶିଷ୍ଟ ବ୍ୟକ୍ତିବିଶେଷ ଏବିଷୟରେ ମୁଣ୍ଡ ଖେଳାଇ ନାହାନ୍ତି । ଗାନ୍ଧୀ, ଲୋହିଆ ଓ ଜୟପ୍ରକାଶଙ୍କ ଆଦର୍ଶକୁ ମାନୁଥିବା ବହୁ ରାଜନେତା ଅଦ୍ୟାବଧି କ୍ଷମତାସୀନ ହୋଇସାରିଛନ୍ତି । ସ୍ୱଦେଶୀ କଥା କହୁଥିବା ବିଜେପି ମଧ୍ୟ ଶାସନକ୍ଷମତାକୁ ଆସିଛି । ବିଭିନ୍ନ ବାମପନ୍ଥୀ ଦଳମାନେ ଆମେରିକା ପ୍ରଭାବରୁ ଭାରତକୁ ମୁକ୍ତ ରଖିବା ପାଇଁ ଲଗାତାର ଧ୍ୱନି ଦେଇଚାଲିଛନ୍ତି । କିନ୍ତୁ ଏମାନଙ୍କ ଭିତରୁ କେହି ଏପର୍ଯ୍ୟନ୍ତ ପ୍ରଶ୍ନ କରିନାହାନ୍ତି, ଆମେରିକାରୁ ଉଧାର କରାଯାଇଥିବା ଜିଡିପି ତତ୍ତ୍ୱକୁ କୃଷି ଏବଂ ଅସଂଗଠିତ ଶ୍ରମଶକ୍ତି ଉପରେ ଆଧାରିତ ଭାରତବର୍ଷ କାହିଁକି ଆଦର୍ଶ ବୋଲି ମାନି ଚାଲିବ ? ଭାରତର ସ୍ୱତନ୍ତ୍ର ସ୍ଥିତି ଏବଂ ସଂଖ୍ୟାଗରିଷ୍ଠ ଜନଗଣଙ୍କ ଶକ୍ତି ଓ ସମ୍ଭାବନାକୁ ଭିତ୍ତି କରି ଏଠାରେ କାହିଁକି ଜିଡିପିର ଏକ ଉପଯୁକ୍ତ ବିକଳ୍ପ (ଯଥା- ଜିପିଆଇ) ନିର୍ମାଣ କରାଯିବନି ? ଏହି ପ୍ରଶ୍ନର ଉତ୍ତର କେବଳ ଭାରତର ସୁସନ୍ତୁଳିତ, ସମତାଭିତ୍ତିକ ଓ ସର୍ବାତ୍ମକ ଆର୍ଥିକ ବିକାଶ ପାଇଁ ନୁହେଁ, ବରଂ ଏହାର ନୈତିକ, ଚାରିତ୍ରିକ ଓ ସାଂସ୍କୃତିକ ନବଜାଗରଣ ପାଇଁ ଜରୁରୀ ।

**Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, 18th Sept. 2009**